ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟଜଣେ

ବନାମ

ଜ୍ୟୋତିର୍ମୟୀ ନାୟକ ଏବଂ ଅନ୍ୟମାନେ

ଏପ୍ରିଲ 2, 2003

[ଶିବରାଜ ଭି. ପାଟିଲ୍ ଏବଂ ଅରିଜିତ୍ ପଶାୟତ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ନିୟମିତ ବେତନ ହାର ପାଇଁ ଦାବି -ଉତ୍ତରଦାତାମାନେ ସାନ୍ତ୍ୱନାମୂଳକ ମାସିକ ଦରମା ଉପରେ ଗ୍ରନ୍ଥାଗାର ସହାୟକ ଏବଂ ଗ୍ରନ୍ଥାଗାର ପରିଚାରକ ଭାବରେ ନିଯୁକ୍ତ ଥିଲେ- ସମାନ ଭାବରେ ନିୟମିତ ବେତନ ହାରରେ ନିଯୁକ୍ତ ନିୟମିତ କର୍ମଚାରୀଙ୍କ ସହିତ ଏବଂ ନିୟମିତ ବେତନ ହାରରେ ସେମାନଙ୍କୁ ନିୟମିତକରଣ କରିବା ପାଇଁ ପରବର୍ତ୍ତୀ ସମୟରେ ଦାବି କରିଥିଲେ -ଉଚ୍ଚ ନ୍ୟାୟାଳୟ ସମାନ ବେତନ ହାରର ଦାବିକୁ ଅନୁମତି ଦେଇଛନ୍ତି କିନ୍ତୁ ନିୟମିତକରଣ ପାଇଁ ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି-ପରବର୍ତ୍ତିସମୟରେ, ସେମାନଙ୍କ ସେବାକୁ ସମାପ୍ତ କରାଯାଇଛି -ନିର୍ଣ୍ଣୟ ହୋଇଛି ଯେ ଏହି ପରିସ୍ଥିତିରେ, ନିୟମିତକରଣର ଦାବି ମୂଲ୍ୟହୀନ -ସେହି ପରିପ୍ରେକ୍ଷିରେ, ସମାନ ଭାବରେ ନିଯୁକ୍ତ ନିୟମିତ କର୍ମଚାରୀଙ୍କ ସହିତ ସମାନ ଦରମା ହାର ପାଇଁ, ଉତ୍ତରଦାତାମାନଙ୍କ ପାଖରେ କୌଣସି ନିଯୁକ୍ତି ଆଦେଶ ନାହିଁ ଯେଉଁ ଆଧାରରେ ସେମାନେ ସମାନ ବେତନ ହାର କିମ୍ବା ନିୟମିତ ଦରମା ଦାବି କରିପାରିବେ-କାର୍ଯ୍ୟାଳୟ ଆଦେଶରେ ଗୋଟିଏ ଧାଡ଼ି ଲେଖାଯାଇଛି ଯେ ଉତ୍ତରଦାତାମାନଙ୍କୁ କୌଣସି ଅଧିକାର ନଦେଇ, ନିୟମ ଅନୁଯାୟୀ ସେମାନେ ସେମାନଙ୍କ " ଦରମା ନେଇପାରିବେ "। କାର୍ଯ୍ୟାଳୟ ଆଦେଶରେ ସେହି ଧାଡିକୁ ପୃଥକ ଭାବରେ ପଢ଼ାଯାଇପାରିବ ନାହିଁ-ଉତ୍ତରଦାତାମାନଙ୍କୁ ଜାରି କରାଯାଇଥିବା ନିଯୁକ୍ତି ଆଦେଶ ସହିତ ଏହାକୁ ପଢ଼ିବାକୁ ପଡିବ-ସେହି ପରିପ୍ରେକ୍ଷିରେ ଉତ୍ତରଦାତାମାନେ ସମାନ ଭାବରେ ନିଯୁକ୍ତ କର୍ମଚାରୀଙ୍କ ପାଇଁ ଗ୍ରହଣୀୟ ଦରମା ପାଇବାକୁ ହକଦାର ବୋଲି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ରଦ୍ଦ କରାଯାଇଛି-ନିୟମିତକରଣ ।*

ଦେୱାନୀ ଆବେଦନ ଅଧିକରିତା : ଦେୱାନୀ ଆବେଦନ ସଂଖ୍ୟା 13415/1996

ତା 9.11.95 ରିଖରେ ଓ. ଜେ. ସି. ସଂଖ୍ୟା 1210/1995ରେ ପାରିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶରୁ ଆସିଛି ।

ଆବେଦନକାରୀଙ୍କ ପାଇଁ ଭିନୁ ଭଗତ ।

ଶିବ ସାଗର ତିୱାରୀ, ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ତା 9.11.1995 ରିଖରେ ପାରିତ ହୋଇଥିବା ଆଦେଶ ଦ୍ୱାରା ଅସନ୍ତୁଷ୍ଟ ଏବଂ ବ୍ୟଥିତ ହୋଇ, ଏହି ଆବେଦନକୁ ଦାଖଲ କରାଯାଇଛି, ଯେଉଁଥିରେ ଆବେଦନକାରୀମାନଙ୍କୁ ବିଶ୍ୱବିଦ୍ୟାଳୟର ସମାନ ପଦବୀରେ ନିଯୁକ୍ତ କର୍ମଚାରୀଙ୍କ ଭଳି ସମାନ ବେତନ ସମେତ ବକେୟା ବେତନ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶର ସଠିକତା ଏବଂ ବୈଧତା ଉପରେ ପ୍ରଶ୍ନ ଉଠାଯାଇଛି ।

ଉତ୍ତରଦାତାମାନେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ଆଧୁନିକ ମନୋବିଜ୍ଞାନ ଅଧ୍ୟୟନ କେନ୍ଦ୍ରର ପାଠ୍ୟଚକ୍ର ଗ୍ରନ୍ଥାଗାରରେ, ଗ୍ରନ୍ଥାଗାର ସହାୟକ ଏବଂ ଗ୍ରନ୍ଥାଗାର ପରିଚାରକ ଭାବେ କାର୍ଯ୍ୟ କରୁଥିଲେ । ସେମାନେ ଆଜ୍ଞାଦେଶ ଆବେଦନ ଦାଖଲ କରି ଆବେଦନକାରୀଙ୍କୁ ନିୟମିତ କର୍ମଚାରୀ ଭାବରେ ବ୍ୟବହାର କରିବାକୁ ଏବଂ ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ଥିବା ନିୟମିତ କର୍ମଚାରୀଙ୍କ ସହିତ ସମାନ ଦରମା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ । ଉଚ୍ଚ ନ୍ୟାୟାଳୟ ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ଉତ୍ତରଦାତାମାନଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ଆବେଦନକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ବିଶ୍ୱବିଦ୍ୟାଳୟର ସମାନ କର୍ମଚାରୀଙ୍କ ପରି ଉତ୍ତରଦାତାମାନଙ୍କୁ ଗ୍ରହଣୀୟ ଦରମା ପ୍ରଦାନ କରନ୍ତୁ ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଉତ୍ତରଦାତାମାନଙ୍କ ନିଯୁକ୍ତି ପତ୍ରକୁ ସୂଚିତ କରି କହିଥିଲେ ଯେ ପ୍ରାରମ୍ଭରେ ସେମାନଙ୍କର ନିଯୁକ୍ତି ମାସକୁ 600/ ଏବଂ 400/ଟଙ୍କାରେ ସାନ୍ତ୍ୱନାମୂଳକ ଦରମା ଉପରେ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସମାନ ନିୟମ ଓ ସର୍ତ୍ତାବଳୀ ଉପରେ କିନ୍ତୁ ଏହି ପରିମାଣକୁ ମାସକୁ 1000/ ଟଙ୍କାକୁ ବୃଦ୍ଧି କରାଯାଇଛି । ନିଯୁକ୍ତି ଆଦେଶ ବିନା, ନିୟମିତ ବେତନ ହାରରେ ଉତ୍ତରଦାତାମାନଙ୍କ ନିଯୁକ୍ତିରେ, ଉତ୍ତରଦାତାମାନେ ବିଶ୍ୱବିଦ୍ୟାଳୟରେ ସମାନ ପଦବୀରେ ନିଯୁକ୍ତ ଥିବା କର୍ମଚାରୀଙ୍କ ଭଳି ନିୟମିତ ବେତନ ହାର ପାଇଁ ହକଦାର ନଥିଲେ । ବିଦ୍ୱାନ ଅଧିବକ୍ତାଙ୍କ ଅନୁଯାୟୀ, କେବଳ 2.12.1994 ତାରିଖର କାର୍ଯ୍ୟାଳୟ ଆଦେଶ ଦେଖି, ଯେଉଁଥିରେ ନିଯୁକ୍ତି ଆଦେଶ ବିଷୟରେ ଉଲ୍ଲେଖ କରାଯାଇଛି, କିନ୍ତୁ ଏହା କୁହାଯାଇଛି ଯେ ସେମାନେ ନିୟମ ଅନୁଯାୟୀ ସେମାନଙ୍କର ଦରମା ନେଇପାରିବେ, ସେମାନେ ନିୟମିତ ବେତନ-ହାର ଅନୁଯାୟୀ ଦରମା ପାଇବାକୁ ହକଦାର ନଥିଲେ । ବିଦ୍ୱାନ ଅଧିବକ୍ତା 16.1.1995 ତାରିଖର ପରବର୍ତ୍ତୀ ଆଦେଶରେ ମଧ୍ୟ ସୂଚାଇଥିଲେ, ଯେଉଁଥିରେ କୁହାଯାଇଛି ଯେ ମାସକୁ 1000/ଟଙ୍କାର ସାନ୍ତ୍ୱନାମୂଳକ ପାରିଶ୍ରମିକ ପ୍ରଦାନ କରାଯିବାର ଥିଲା; କେବଳ 2.12.1994 ତାରିଖର ଆଦେଶ ଅନୁଯାୟୀ ଦେୟ ବିଷୟ ଉଲ୍ଲେଖକୁ ପୃଥକ ଭାବରେ ପଢ଼ାଯାଇପାରିବ ନାହିଁ ।

ବିପରୀତରେ, ଉତ୍ତରଦାତାମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଦ୍ୱାନ ଅଧିବକ୍ତା ତା 2.12.1994ରିଖର କାର୍ଯ୍ୟାଳୟ ଆଦେଶ ଉପରେ ନିର୍ଭର କରି ଉପସ୍ଥାପନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ସମ୍ପୂର୍ଣ୍ଣ ବୈଧ ଏବଂ ଧାରଣଯୋଗ୍ୟ । ବିଦ୍ୱାନ ଅଧିବକ୍ତା ମଧ୍ୟ ଏହା ଆମ ଦୃଷ୍ଟିକୁ ଆଣିଥିଲେ ଯେ ଆକ୍ଷେପିତ ଆଦେଶ ପାରିତ ହେବା ପରେ ଉତ୍ତରଦାତାମାନଙ୍କ ସେବା ସମାପ୍ତ କରାଯାଇଥିଲା ଏବଂ ସେମାନଙ୍କ ସେବା ସମାପ୍ତିର ଆଦେଶକୁ ଆପତ୍ତି କରି ସେମାନେ ପୃଥକ ପୃଥକ ଆଜ୍ଞାଦେଶ ଆବେଦନ ଦାଖଲ କରିଛନ୍ତି ଯାହା ଉଚ୍ଚ ନ୍ୟାୟାଳୟରେ ଫଇସଲା ପାଇଁ ବିଚାରାଧୀନ ଅଛି ।

ଏହି ପରିସ୍ଥିତିରେ, ଉତ୍ତରଦାତାମାନଙ୍କ ସେବାର ନିୟମିତକରଣର ପ୍ରଶ୍ନ ତିଷ୍ଠି ରହେ ନାହିଁ । ଯାହା ବି ହେଉ, ଉଚ୍ଚ ନ୍ୟାୟାଳୟ ନିୟମିତକରଣ ପାଇଁ ସେମାନଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିବାରେ ଠିକ୍ ଥିଲେ ଏବଂ ଉତ୍ତରଦାତାମାନେ ସେହି ଆଦେଶ ବିରୁଦ୍ଧରେ କୌଣସି ଆବେଦନ ଦାଖଲ କରି ଏହାକୁ ଆପତ୍ତି କରିନାହାଁନ୍ତି । ବିଶ୍ୱବିଦ୍ୟାଳୟରେ ସମାନ ପଦବୀରେ ଥିବା କର୍ମଚାରୀଙ୍କ ସହ ସମାନ ଦରମା ପ୍ରଦାନ ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ସମ୍ବନ୍ଧରେ, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବଜାୟ ରଖିବା କଷ୍ଟକର ମନେ କରୁଛୁ । ଏହା ବିବାଦୀୟ ନୁହେଁ ଯେ ଉତ୍ତରଦାତାମାନଙ୍କ ପାଖରେ କୌଣସି ନିଯୁକ୍ତି ଆଦେଶ ନାହିଁ ଯାହା ଆଧାରରେ ସେମାନେ ବେତନ-ହାର କିମ୍ବା ନିୟମିତ ଦରମା ଦାବି କରିପାରିବେ । ତା 2.12.1994 ରିଖର କାର୍ଯ୍ୟାଳୟ ଆଦେଶ ବ୍ୟତୀତ, ବିଶ୍ୱବିଦ୍ୟାଳୟର ନିୟମିତ କର୍ମଚାରୀଙ୍କ ପାଇଁ ଗ୍ରହଣୀୟ ବେତନ ଆଦେଶ ପାଇଁ ଉତ୍ତରଦାତାମାନଙ୍କ ଦାବିକୁ ସମର୍ଥନ କରିବା ପାଇଁ କିଛି ନାହିଁ । ତା 2.12.1994 ରିଖର ଆଦେଶରେ ଗୋଟିଏ ବାକ୍ୟ, ତାହା ହେଉଛି ଉତ୍ତରଦାତାମାନେ "ନିୟମ ଅନୁଯାୟୀ ସେମାନଙ୍କ ଦରମା ଉଠାଇପାରିବେ", ତାହା ସେମାନଙ୍କୁ କୌଣସି ଅଧିକାର ଦେଇପାରିବ ନାହିଁ । ସେହି ବାକ୍ୟକୁ ପୃଥକ ଭାବରେ ପଢ଼ାଯାଇପାରିବ ନାହିଁ । ଉକ୍ତ କାର୍ଯ୍ୟାଳୟ ଆଦେଶକୁ, ଉତ୍ତରଦାତାମାନଙ୍କୁ ଜାରି କରାଯାଇଥିବା ନିଯୁକ୍ତି ଆଦେଶ ସହିତ ବୁଝିବା ଆବଶ୍ୟକ ।

ଏହି ଦୃଷ୍ଟିକୋଣରୁ, ଉତ୍ତରଦାତାମାନେ ବିଶ୍ୱବିଦ୍ୟାଳୟର ସମାନ ପଦବୀରେ ଥିବା କର୍ମଚାରୀଙ୍କ ପାଇଁ ଗ୍ରହଣୀୟ ଦରମା ପାଇବାକୁ ହକଦାର ବୋଲି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ବାତିଲ କରିବାକୁ ଆମର କୌଣସି ଦ୍ୱିଧା ନାହିଁ । ଆବେଦନକୁ ଅନୁମତି ଦିଆଗଲା । ଆକ୍ଷେପିତ ଆଦେଶ, ଯେତେଦୂର ପର୍ଯ୍ୟନ୍ତ ଏହା ଦରମା ପ୍ରଦାନ ସମ୍ବନ୍ଧରେ ନିର୍ଦ୍ଦେଶ ଦେବା ସହିତ ଜଡିତ, ତାହା ବାତିଲ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

*ଶ୍ରୀ ଜଟାଧାରୀ ସେଠୀ*

*ଅନୁବାଦକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ*